THE SAMAJA, DT:19.03.2018

# ଭୁବନେଶ୍ୱରରେ ଆଇସିଟି କ୍ୟାମ୍ପସ୍




ଆଇସିଟି କ୍ୟାମ୍ପସ୍‌ର ଉଦ୍‌ଘାଟନ ଓ ଦକ୍ଷତା ବିକାଶ ପ୍ରତିଷ୍ଠାନର ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ରାଷ୍ଟ୍ରପତି

■ ଭୁବନେଶ୍ୱର, ୧୮।୩ (ନି.ପ୍ର): ଓଡ଼ିଶାରେ ଖୋଲିଛି ଦୁଇଟି ଜାତୀୟସ୍ତରୀୟ ପ୍ରତିଷ୍ଠାନ। ଏହି ଦୁଇଟି ପ୍ରତିଷ୍ଠାନ ହେଉଛି ଆଇସିଟି ମୁମ୍ବାଇ-ଇଣ୍ଡିଆନ୍ ଅଏଲ ଭୁବନେଶ୍ୱର କ୍ୟାମ୍ପସ୍ ଏବଂ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍‌ଡିଆଇ) ଭୁବନେଶ୍ୱର। ଉଭୟ ଦୁଇଟି ପ୍ରତିଷ୍ଠାନର ନିର୍ମାଣରେ ୫୦୦ କୋଟି ଟଙ୍କା ବ୍ୟୟ ହେବ। ଓଡ଼ିଶା ଗସ୍ତ ଅବସରରେ ରାଷ୍ଟ୍ରପତି ରାମନାଥ

## ■ ୫୦୦ କୋଟି ବ୍ୟୟରେ ନିର୍ମାଣ ହେବ ନିଜସ୍ୱ କ୍ୟାମ୍ପସ୍
## ■ ରାଜ୍ୟ ସରକାରଙ୍କୁ ମଗାଯାଇଛି ୧୦୦ ଏକର ଜମି
## ■ ତରାବୋଇରେ ହେବ ଦକ୍ଷତା ବିକାଶ ପ୍ରତିଷ୍ଠାନ

କୋବିନ୍ଦ ଆଇସିଟି ମୁମ୍ବାଇ-ଇଣ୍ଡିଆନ୍ ଅଏଲ ଭୁବନେଶ୍ୱର କ୍ୟାମ୍ପସ୍‌ର ଉଦ୍‌ଘାଟନ କରିବା ସହ ଏସ୍‌ଡିଆଇ ଭୁବନେଶ୍ୱର ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ କରିଛନ୍ତି। ଏହି

▶ ପୃଷ୍ଠା ୪

## ଭୁବନେଶ୍ୱରରେ ଆଇସିଟି...

ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଲେ, ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଆଇସିଟି ଓ ଦକ୍ଷତା ବିକାଶ ପ୍ରତିଷ୍ଠାନ ଭଳି ଶିକ୍ଷାନୁଷ୍ଠାନ ଦକ୍ଷମାନବ ସମ୍ବଳର ଚାହିଦାକୁ ପୂରଣ କରିବାରେ ସହାୟକ ହେବ। ଏପରି ଶିକ୍ଷାନୁଷ୍ଠାନ ଅଧିକ ସଂଖ୍ୟାରେ ଖୋଲିବା ଉଚିତ। ବିଶେଷକରି ଗବେଷଣା ଉପରେ ଗୁରୁତ୍ୱ ଦେବାର ଯଥାର୍ଥତା ରହିଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଆଇସିଟି -ଆଇଓସି କ୍ୟାମ୍ପସରେ ୫ ଶହ କୋଟି ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ କ୍ୟାମ୍ପସ ଗଢି ଉଠିବ। ଭାରତୀୟ ତୈଳ ନିଗମ ଶିଳ୍ପ ସହଯୋଗୀ ଭାବରେ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ ଯୋଗାଇ ଦେବା ବେଳେ ଏହି କ୍ୟାମ୍ପସ ବୌଦ୍ଧିକ ମେରୁଦଣ୍ଡ ଭାବେ କାମ କରିବ। ଏହା ସହ ଅସ୍ଥାୟୀ ଭାବେ ଚାଲୁଥିବା ଏସଡିଆଇ କ୍ୟାମ୍ପସ ୫ ଶହ କୋଟି ଟଙ୍କା ବ୍ୟୟରେ ଜଟଣୀର ତରାବୋଇ ଠାରେ ପ୍ରତିଷ୍ଠିତ ହୋଇ ଯୁବପିଢିକୁ ହାଇଡ୍ରୋକାର୍ବନ କ୍ଷେତ୍ରରେ ଦକ୍ଷତା ବିକାଶ, ନିଯୁକ୍ତି ଓ ଉଦ୍ୟମିତାର କେନ୍ଦ୍ର ସ୍ଥଳ ହୋଇ ପାରିବ। ଓଡ଼ିଶାର ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ସହିତ ଅର୍ଥନୈତିକ ପ୍ରଗତି ପାଇଁ ବେଶ୍ ଲାଭଦାୟୀ ହେବ। ଦକ୍ଷତା ବିକାଶ ପ୍ରତିଷ୍ଠାନ ହାଇଡ୍ରୋକାର୍ବନ କ୍ଷେତ୍ରରେ ଦେଶରେ ପ୍ରଥମ ଇନଷ୍ଟିଚ୍ୟୁଟ୍ ହେବ। ଆଗାମୀ ୧୦ବର୍ଷରେ ୫୦,୦୦୦ ଯୁବକଙ୍କୁ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଉପରୋକ୍ତ ଦୁଇଟି ଯାକ ପ୍ରତିଷ୍ଠାନ ଓଡ଼ିଆ ଯୁବ ପିଢିଙ୍କ ପାଇଁ ଉତ୍ତମ ତାଲିମ ଆଧାରରେ ରୋଜଗାର ଓ ଉଦ୍ୟମୀ ହେବାରେ ବ୍ୟାପକ ସୁବିଧା ଉପଲବ୍ଧ କରାଇବ। ପୂର୍ବ ଭାରତ ଓ ଦେଶରେ ପଲିମର ଚାହିଦାରେ ଦ୍ରୁତ ବୃଦ୍ଧି ଦୃଷ୍ଟିରୁ ପେଟ୍ରୋକେମିକାଲ ଶିଳ୍ପରେ ଅଭିବୃଦ୍ଧି ଘଟିବ। ଏହି ସମୟରେ ଓଡିଶାରେ ଆଇସିଟି – ଇଣ୍ଡିଆନ ଅଏଲ କ୍ୟାମ୍ପସ ଏହି ଶିଳ୍ପକୁ ତ୍ୱରିତ ଗତି ଦେବା ପାଇଁ ଉତ୍ତମ ମାନବ ସମ୍ବଳ ଯୋଗାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଆଇସିଟି ମୁମ୍ବଇ-ଇଣ୍ଡିଆନ୍ ଅଏଲ ଭୁବନେଶ୍ୱର କ୍ୟାମ୍ପସ୍

ଦି ଇନ୍ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି (ଆଇସିଟି) ମୁମ୍ବଇ-ଇଣ୍ଡିଆନ୍ ଅଏଲ ଭୁବନେଶ୍ୱର କ୍ୟାମ୍ପସ୍ ଭୁବନେଶ୍ୱରର ସାମନ୍ତପୁରଠାରେ ଆରମ୍ଭ ହୋଇଛି। ୨୦୧୭ ନଭେମ୍ବର ୧୬ରେ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରାଳୟ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଣ୍ଡିଆନ୍ ଅଏଲ୍ ସହ ଭୁବନେଶ୍ୱରରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଏହି ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ୍ ଏମ୍. ଟେକ୍, ଏକ୍ଜିକ୍ୟୁଟିଭ୍ ଏମ୍ଟେକ୍ ଏବଂ ପିଏଚ୍ଡି ପାଠ୍ୟକ୍ରମ ଭଳି ୩ଟି କ୍ଷେତ୍ରରେ ଶିକ୍ଷାଦାନ କରାଯିବ। ଇଣ୍ଟିଗ୍ରେଟେଡ୍ ଏମ୍. ଟେକ୍ରେ ଦ୍ୱାଦଶ ଉତ୍ତୀର୍ଣ୍ଣ ହେବା ପରେ ୫ ବର୍ଷୀୟ ପାଠ୍ୟକ୍ରମ ରହିବ। ଏଥିରେ କେମିକାଲ ଇଞ୍ଜିନିୟରିଂ, ଫାର୍ମାସ୍ୟୁଟିକାଲ୍ସ, ଟେକ୍ସଟାଇଲ୍ସ ପଲିମର୍ସ ଆଣ୍ଡ ମ୍ୟାଟେରିଆଲ୍ସ ଏବଂ ଫୁଡ୍ ଏବଂ ଫରମାସ୍ୟୁଟିକାଲ୍ସ ଓ ଏନର୍ଜି ଇଞ୍ଜିନିୟରିଂ ପାଠ୍ୟକ୍ରମ ପଢାଯିବ। ଏହି ପାଠ୍ୟକ୍ରମର ଶେଷ ଦୁଇଟି ସେମିଷ୍ଟାରରେ ଉଦ୍ୟମିତା ଓ ଷ୍ଟାର୍ଟ ଅପ୍ କମ୍ପାନୀ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାକୁ ପରୀକ୍ଷାମୂଳକ ଓ ଡିଜାଇନ୍ ପ୍ରକଳ୍ପକୁ ପ୍ରାଧାନ୍ୟ ଦିଆଯିବ। ଏହିସବୁ ପାଠ୍ୟକ୍ରମ ଓଡ଼ିଶାରେ ପ୍ରଥମ ଥର ପାଇଁ ପଢାଯିବ। ଛାତ୍ରଛାତ୍ରୀମାନେ ଇନ୍ଟର୍ଣ୍ଣସିପ୍ ସମୟରେ ଷ୍ଟାଇପେଣ୍ଡ ପାଇବେ।

ପ୍ରାଥମିକ ପର୍ଯ୍ୟାୟରେ ଆଇସିଟି ମୁମ୍ବଇ-ଇଣ୍ଡିଆନ୍ ଅଏଲ ଭୁବନେଶ୍ୱର କ୍ୟାମ୍ପସ୍ ପରିଚାଳନାରେ ୧୦୦କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଛି। ତେବେ ଏହି ପ୍ରତିଷ୍ଠାନ ନିର୍ମାଣ ନିମନ୍ତେ ଏକ ବିଶ୍ୱସ୍ତରୀୟ ସ୍ଥାୟୀ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କୁ ୨୦୦ ଏକର ଜମି ମଗାଯାଇଛି। ଏ କ୍ଷେତ୍ରରେ ୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ଏଠାରେ ୨୦୦୦ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ରାଜ୍ୟରେ ବନ୍ଦର, ରେଳ ସଂଯୋଗ ଏବଂ ସଡକ ନିର୍ମାଣ ଆଦି କ୍ଷେତ୍ରରେ ଭିତ୍ତିଭୂମି ରହିଥିବା ଯୋଗୁ ଏହି ଶିଳ୍ପର ଦ୍ରୁତ ବିକାଶ ସମ୍ଭାବନା ରହିଛି।

## ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍ଡିଆଇ) ଭୁବନେଶ୍ୱର

ଜାତୀୟ ଦକ୍ଷତା ବିକାଶ ମିଶନ୍ ଅଧୀନରେ ୨୦୨୨ ସୁଦ୍ଧା ଦେଶରେ ବିଭିନ୍ନ କ୍ଷେତ୍ରରେ ୪୦କୋଟି ମାନବ ସମ୍ବଳକୁ ପ୍ରଶିକ୍ଷିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅନୁଯାୟୀ ୨୦୧୫ରେ କେନ୍ଦ୍ରୀୟ ସରକାରଙ୍କ ପକ୍ଷରୁ ଦେଶରେ ୬ଟି ଦକ୍ଷତା ବିକାଶ ପ୍ରତିଷ୍ଠାନ ସ୍ଥାପନ କରାଯାଇଛି। ଭୁବନେଶ୍ୱରଠାରେ ଏଭଳି ଏକ ପ୍ରତିଷ୍ଠା ସ୍ଥାପନ ଯୋଜନା କରାଯାଇଥିଲା। ଏହି ଅନୁକ୍ରମରେ ଦେଶର ହାଇଡ୍ରୋକାର୍ବନ୍ କ୍ଷେତ୍ରରେ ପ୍ରଥମ ଦକ୍ଷତା ବିକାଶ ପ୍ରତିଷ୍ଠାନ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ୨୦୧୬ରୁ ୩ରୁ ୬ ବର୍ଷିଆ ପାଠ୍ୟକ୍ରମ ଆରମ୍ଭ କରାଯାଇଥିବାବେଳେ ପ୍ରତି ବ୍ୟାଚ୍ରେ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି।

ଜଟଣୀର ତରାବୋଇଠାରେ ଖୁବ୍ଶୀଘ୍ର ଦକ୍ଷତା ବିକାଶ ପ୍ରତିଷ୍ଠାନର ଏକ ନିଜସ୍ୱ କ୍ୟାମ୍ପସ୍ ପ୍ରତିଷ୍ଠା ହେବାକୁ ଯାଉଛି। ୬୦ ଏକର ପରିମିତ ଜମିରେ ୫୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି କ୍ୟାମ୍ପସ୍ରେ ପ୍ରଶିକ୍ଷଣ ବ୍ୟବସ୍ଥା ରହିବ। ଜାତୀୟ ଦକ୍ଷତା ବିକାଶ ନିଗମ ସହାୟତାରେ ଏହି କ୍ୟାମ୍ପସ୍ ପ୍ରତିଷ୍ଠା ହେବ। ଏଠାରେ ହାଇଡ୍ରୋକାର୍ବନ୍ ଶିଳ୍ପ କ୍ଷେତ୍ରରେ ବାର୍ଷିକ ୩୦୦୦ରୁ ୪୦୦୦ ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ କରିବାକୁ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଓଡ଼ିଶାରୁ ଆସନ୍ତା ୧୦ ବର୍ଷରେ ୫୦,୦୦୦ ଯୁବପିଢିଙ୍କୁ ଦକ୍ଷ କରାଯାଇପାରିବ।

## ଡ.ଅର୍ଚ୍ଚନା ନାୟକ ପାଇବେ...

ଭବନରେ ଅନୁଷ୍ଠିତ ହୋଇଯାଇଛି। ବହୁ ବିଚାର ବିମର୍ଶ ଓ ଆଲୋଚନା ପରେ ଓଡ଼ିଶାର ସାରସ୍ୱତ ଜଗତର ଜଣେ ପ୍ରତିଷ୍ଠିତା ଓ ପ୍ରବୀଣା ସାରସ୍ୱତ ସାଧିକା ଡ. ଅର୍ଚ୍ଚନା ନାୟକଙ୍କ ନାମ ସର୍ବସମ୍ମତିକ୍ରମେ ବିଚାରକମଣ୍ଡଳୀ ଦ୍ୱାରା ମନୋନୀତ ହୋଇଥିଲା।

ଏହି ସମ୍ମାନ ଆସନ୍ତା ଏପ୍ରିଲ ୧ ତାରିଖ ଦିନ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସମାରୋହ ଉତ୍ସବରେ ପ୍ରଦାନ କରାଯିବ। ଏଥିରେ ଦକ୍ଷିଣା ବାବଦରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

## ପ୍ରଜାକୋର୍ଟରେ...

ରୋକିବାକୁ ସାହସ କରି ପାରି ନ ଥିଲେ ବିଜୟଙ୍କୁ ଦୋକାନରେ ସହଯୋଗ କରୁଥିବା ରଘୁନାଥ ବରିହା ନାମକ ଜଣେ ମୂକ ବ୍ୟକ୍ତି ଗାଁକୁ ଯାଇ ଏ ସମ୍ପର୍କରେ ବିଜୟଙ୍କ ପରିବାରକୁ ସୂଚନା ଦେଇଥିଲେ। ବିଜୟଙ୍କ ବାପା ରଣଜିତ୍ ତୁରନ୍ତ ଦୋକାନ ପାଖକୁ ଆସିଥିଲେ ଓ ଦୋକାନ ବନ୍ଦ କରି ଥାନାରେ ଖବର ଦେଇଥିଲେ। ରାତିରେ ନିକଟସ୍ଥ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ବିଳମ୍ବିତ ରାତିରେ ତାଙ୍କୁ ମାଓବାଦୀମାନେ ହତ୍ୟା କରିଥିବା ନେଇ ଖବର ପ୍ରଚାରିତ ହୋଇଥିଲେ ହେଁ ତାହା ସ୍ପଷ୍ଟ ହୋଇ ପାରି ନ ଥିଲା। ତେବେ ଆଜି ସକାଳୁ ନିଜ ଦୋକାନ ସମ୍ମୁଖରେ ବିଜୟର ଶବ ହାତଗୋଡ଼ବନ୍ଧା ଅବସ୍ଥାରେ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ବିଜୟଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ସହ ଗୁଳି ମାଡ଼ ଚିହ୍ନ ରହିଥିଲା।


ବିଜୟ ସାହୁଙ୍କ ଫାଇଲ ଫଟୋ

ଏ ସମ୍ପର୍କରେ ଖବର ପାଇ ରବିବାର ପାଇକମାଲ ପୁଲିସ ବିଜୟ ସାହୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଉଛି। ବିଜୟଙ୍କ ମୃତଦେହ ନିକଟରେ ମାଓବାଦୀମାନେ ଛାଡ଼ି ଯାଇଥିବା ଏକ ଚିଠିକୁ ପୁଲିସ ଜବତ କରିଛି। ଏଥିରେ ବିଜୟଙ୍କୁ ପୁଲିସ ସୂଚନାଦାତା ସନ୍ଦେହରେ ମାଓବାଦୀ ହତ୍ୟା କରିଥିବା ସମ୍ପର୍କିତ ଲେଖା ହିନ୍ଦୀରେ ରହିଛି। 'ବିଜୟ ସାହୁଙ୍କ ସୂଚନା ଆଧାରରେ ୨୦୧୭ ସେପ୍ଟେମ୍ବର ୨୬ ତାରିଖରେ ପୁଲିସ ସାଲେପାଲି ଗ୍ରାମରେ ରାତି ୮ଟାରେ ଚଢ଼ଉ କରି ଦୁଇଜଣ ବରିଷ୍ଠ ମାଓବାଦୀଙ୍କୁ ହତ୍ୟା କରିବାରେ ସକ୍ଷମ ହୋଇଥିଲା। ଏହା ସହ ଦୁଇଟି ବନ୍ଧୁକ ମଧ ପୁଲିସ ନେଇ ଯାଇଥିଲା। ଏଣୁ ପୁଲିସର ଗୁପ୍ତଚର କାର୍ଯ୍ୟରେ ନିୟୋଜିତ ବିଜୟ ସାହୁଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରାଯାଇ ମୃତ୍ୟୁଦଣ୍ଡ ଦିଆଯାଇଛି' ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ଘଟଣା ପରେ ମୃତ ବିଜୟଙ୍କ ସ୍ତ୍ରୀ ବୃନ୍ଦାବତୀ ପାଇକମାଲ ଥାନାକୁ ଯାଇ ତା'ର ସ୍ୱାମୀଙ୍କ ମୃତ୍ୟୁ ପାଇଁ ପୁଲିସକୁ ଦାୟୀ କରିଛନ୍ତି। ବିଜୟଙ୍କ ମୃତ୍ୟୁ ପରେ ପତ୍ନୀ ବୃନ୍ଦାବତୀ ସାହୁ, ୫ ବର୍ଷର ପୁଅ ଓମକ୍ରିଷ୍ଣା ସାହୁ, ବାପା ରଣଜିତ ସାହୁ, ଓ ସାନଭାଇ ଲିଙ୍ଗରାଜ ସାହୁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ମୃତ ବିଜୟଙ୍କ ପିତା ରଣଜିତ ସାହୁଙ୍କ ଏତଲାକୁ ଭିତ୍ତିକରି ପାଇକମାଲ ଥାନାରେ ମାମଲା ହୋଇଛି ଏବଂ ଏସ୍ଡ଼ିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ଏହାର ତଦନ୍ତ କରୁଛନ୍ତି।

## ଖାତା ଦେଖିବେନି...

ଚେତାବନୀ ଦିଆଯାଇଛି। ଖାଲି ସେତିକି ନୁହେଁ ଯଦି ସରକାର ପୂର୍ଣ୍ଣ ଅନୁଦାନ ଦାବି ବିନା ସର୍ତ୍ତରେ ଅବିଳମ୍ବେ ପୂରଣ ନକରନ୍ତି ତେବେ ମାଟ୍ରିକ ମୂଲ୍ୟାୟନ ବର୍ଜନ କରାଯିବା ସହିତ ପରୀକ୍ଷା କେନ୍ଦ୍ର ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଅନ୍ୟପକ୍ଷରେ ଏହାକୁ ସରକାର ଖାତିର କରିନାହାନ୍ତି। ସଂଘର ଏହି ଧମକକୁ ନଡରି ବିଭିନ୍ନ ଘରୋଇ ବିଦ୍ୟାଳୟରୁ ୫ହଜାର ଶିକ୍ଷକ ଆଣି ଠିକଣା ସମୟରେ ପରୀକ୍ଷା ଖାତା ମୂଲ୍ୟାୟନ କରିବାପାଇଁ ପ୍ରସ୍ତୁତି ଚଳାଇଛନ୍ତି।

**ମୂଲ୍ୟାଙ୍କନ କେନ୍ଦ୍ରରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସଂଘର ଚେତାବନୀ**

**ସୁପ୍ରିମକୋର୍ଟ ନାଁରେ ସଂଘ ସରକାରଙ୍କୁ ବ୍ଲାକ୍ମେଲିଂ କରୁଛି: ସଚିବ**

ଏନେଇ ସଂଘର ଆବାହକ ପ୍ରକାଶ ମହାନ୍ତି ଯେ ୨୦୧୭ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ଲକଗ୍ରାଣ୍ଟ ଉଚ୍ଛେଦ ନେଇ ସଂଘକୁ ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ପରେ ବିଭାଗୀୟ ବିଜ୍ଞପ୍ତିରେ ଏକ ବେଆଇନ ସତ୍ୟପାଠ ରଖାଗଲା। ଯାହାର ପ୍ରଭାବ ଚିନ୍ତା କରିବାପରେ ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଲା। ଜଣେ ଶିକ୍ଷକ କାହିଁକି ସତ୍ୟପାଠ ଦେବ, ଏହି ବେଆଇନ ପରମ୍ପରାକୁ ସଂପୂର୍ଣ୍ଣ ଉଠାଇବାକୁ ସଂଘ ଦାବି କରୁଛି। ବାରମ୍ବାର ଦାବି ଆନ୍ଦୋଳନ ପରେ ମଧ ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଯଦି ଏହିସବୁ ସମସ୍ୟାର ତୁରନ୍ତ ସମାଧାନ ନହୁଏ ଆସନ୍ତା ୨୦ତାରିଖଠାରୁ ପରୀକ୍ଷାକେନ୍ଦ୍ର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ଏବଂ ପରେ ଯୁକ୍ତଦୁଇ ଖାତା ମୂଲ୍ୟାୟନ ବର୍ଜନ କରାଯିବ ବୋଲି ଶ୍ରୀ ମହାନ୍ତି ଓ ସଭାପତି ଗୋଲକ ମହାପାତ୍ର, ପବିତ୍ର ମହାଲା ଚେତାବନୀ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ ଅଯଥାରେ ଶିକ୍ଷକ ସଂଘମାନେ ସରକାରଙ୍କୁ ଅଡୁଆରେ ପକାଇବାକୁ ଚେଷ୍ଟା କରୁଛନ୍ତି। ସତ୍ୟପାଠ ଉଠାଇବାକୁ ନେଇ ସଂଘ ଯେଉଁ ଦାବି କରିଥିଲା ତାକୁ ସରଳୀକରଣ କରାଯାଇଛି। ସୁପ୍ରିମକୋର୍ଟ ନିର୍ଦ୍ଦେଶନାମାକୁ ନେଇ ବିଭାଗ ପକ୍ଷରୁ ବହୁ ଆଲୋଚନା ପରେ ଏବେ ଶିକ୍ଷକମାନେ କେବଳ ସାଦାକାଗଜରେ ସ୍ୱାକ୍ଷର କରିବାକୁ କୁହାଯାଉଛି। ତାକୁ ମଧ ଶିକ୍ଷକମାନେ ମାନିବାକୁ ନାରାଜ। ସୁପ୍ରିମକୋର୍ଟଙ୍କ ନାଁରେ ସରକାରଙ୍କୁ ବ୍ଲାକମେଲିଂ କରିବାପାଇଁ କିଛି ଶିକ୍ଷକ ନେତା ହୀନ ଉଦ୍ୟମ କରୁଛନ୍ତି। ଘଟଣାର ସତ୍ୟତା ଲୋକଲୋଚନକୁ ଆସିବା ଦରକାର। ଯଦି ସଂଘ ପରୀକ୍ଷା ବର୍ଜନ ସହିତ କେନ୍ଦ୍ର ନିକଟରେ ହୋହଲ୍ଲା ସୃଷ୍ଟି କରିବାକୁ ଉଦ୍ୟମ କରିବ ତେବେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଆଣି ସରକାର ଠିକଣା ସମୟରେ ଖାତା ମୂଲ୍ୟାୟନ କାର୍ଯ୍ୟ ସାରିବେ ବୋଲି ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଶ୍ରୀ ମହାପାତ୍ର ରୋକ୍ଠୋକ୍ କହିଛନ୍ତି।